# ଓଡ଼ିଆ / ODIA

## (ବାଧ୍ୟତାମୂଳକ) / ( Compulsory )

| | |
|---|---|
| ସମୟ : ତିନି ଘଣ୍ଟା<br>Time Allowed : **Three** Hours | ପୂର୍ଣ୍ଣ ସଂଖ୍ୟା : **300**<br>Maximum Marks : **300** |

## ପ୍ରଶ୍ନପତ୍ର ସଂପର୍କିତ ନିର୍ଦ୍ଦେଶାବଳୀ

**ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର :**

ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ଦେବାକୁ ହେବ ।

ପ୍ରତ୍ୟେକଟି ପ୍ରଶ୍ନ / ପ୍ରଶ୍ନାଂଶ ନିକଟରେ ଏହାର ନମ୍ବର ଦିଆଯାଇଛି ।

ଉତ୍ତର **ଓଡ଼ିଆରେ (ଓଡ଼ିଆ ଲିପି)** ବା ପ୍ରଶ୍ନର ନିର୍ଦ୍ଦେଶ ଅନୁସାରେ ହେବା ଆବଶ୍ୟକ ।

ପ୍ରଶ୍ନରେ ଯେଉଁଠି ଶବ୍ଦ ସଂଖ୍ୟାର ନିର୍ଦ୍ଦେଶ ରହିଛି ତାହା ପାଳନୀୟ । ଯଦି ପ୍ରଶ୍ନରେ ନିର୍ଦ୍ଦେଶିତ ଶବ୍ଦସଂଖ୍ୟାଠାରୁ ଉତ୍ତର ଯଥେଷ୍ଟ ବେଶି ବା କମ ହୁଏ ତେବେ ନମ୍ବର କମାଯାଇପାରେ ।

ପ୍ରଶ୍ନ-ଉତ୍ତର ପୁସ୍ତିକାର କୌଣସି ପୃଷ୍ଠା ବା ପୃଷ୍ଠାର କିଛି ଅଂଶ ଖାଲି ରହୁଥିଲେ ତାକୁ ଗାର ପକେଇ କାଟିଦେବା ଆବଶ୍ୟକ ।

## Question Paper Specific Instructions

***Please read each of the following instructions carefully before attempting questions :***

*All questions are to be attempted.*

*The number of marks carried by a question / part is indicated against it.*

*Answers must be written in* ***ODIA (Odia script)*** *unless otherwise directed in the question.*

*Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.*

*Any page or portion of the page left blank in the Question-cum-Answer Booklet must be clearly struck off.*

**Q1. ନିମ୍ନଲିଖିତ ଯେକୌଣସି ଗୋଟିଏ ବିଷୟରେ 600 ଶବ୍ଦ ମଧ୍ୟରେ ଏକପ୍ରବନ୍ଧ ଲେଖ :** *100*

(a) ଉପଭୋକ୍ତାବାଦୀ ଜୀବନଶୈଳୀ ଓ ପର୍ଯ୍ୟାବରଣ ।

(b) ମୋବାଇଲ୍ ଫୋନ୍ ପ୍ରତି ଆସକ୍ତି ।

(c) ଅନ୍‌ଲାଇନ ଶିକ୍ଷାର ସୀମାରେଖା ।

(d) ଆତଙ୍କବାଦ : ଏକ ଆହ୍ୱାନ ।

**Q2. ନିମ୍ନୋକ୍ତ ପରିଚ୍ଛେଦକୁ ପାଠକରି ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ପ୍ରଦାନ କର :** *12×5=60*

ଯେତେବେଳେ ଜଣେ କୃଷକ ଜମିରେ କାମ କରେ, ସେତେବେଳେ ସେ ଖାଦ୍ୟ ଶସ୍ୟ ଓ ଉଦ୍ୟୋଗ ନିମନ୍ତେ କଞ୍ଚାମାଲ ଉତ୍ପାଦନ କରିଥାଏ । କାରଖାନା ଓ ବିଦ୍ୟୁତିକରଣ ପରେ କପା ହିଁ ପୋଷାକପତ୍ରର ରୂପ ଧାରଣ କରିଥାଏ । ଗାଡ଼ି ଜିନିଷପତ୍ର ଗୋଟିଏ ସ୍ଥାନରୁ ନେଇ ଅନ୍ୟସ୍ଥାନରେ ପହଞ୍ଚାଇଦିଏ । ଆମେ ଜାଣୁ ଯେ କୌଣସି ଦେଶରେ ବର୍ଷକମଧ୍ୟରେ ଉତ୍ପାଦିତ ବସ୍ତୁ ଓ ସେବାଗୁଡ଼ିକର ସାମଗ୍ରିକ ମୂଲ୍ୟକୁ ତା'ର ସମସ୍ତ ଘରୋଇ ଉତ୍ପାଦନ କୁହାଯାଏ । ଆମେ ଉତ୍ପାଦିତ ଦ୍ରବ୍ୟ ରପ୍ତାନି କରି ଅର୍ଥ ପାଉ ଏବଂ ଦ୍ରବ୍ୟ ଆମଦାନୀ କରି ମୂଲ୍ୟ ପ୍ରଦାନ କରିଥାଉ । ଏଥିରେ ଆମେ ଦେଖିଲେ ଯେ ଅବଶିଷ୍ଟ ଆୟ ଧନାତ୍ମକ, ଋଣାତ୍ମକ ବା ଶୂନ୍ୟ ମଧ୍ୟ ହୋଇପାରେ । ଯେତେବେଳେ ଆମେ ପ୍ରାପ୍ତ ଅର୍ଥରେ ଆମର ଆୟ ଯୋଗ କରୁ, ଆମକୁ ସେହି ବର୍ଷ ପାଇଁ ଦେଶର ସମସ୍ତ ଘରୋଇ ଉତ୍ପାଦନ ମିଳିଥାଏ ।

ସମସ୍ତ ରାଷ୍ଟ୍ରୀୟ ଉତ୍ପାଦନରେ ଅଂଶଗ୍ରହଣକାରୀଙ୍କର କ୍ରିୟା କଳାପକୁ ଆମେ ଆର୍ଥିକ କ୍ରିୟା କହିଥାଉ । ଯେଉଁମାନେ ଆର୍ଥିକ କ୍ରିୟାରେ ସଂଶ୍ଳିଷ୍ଟ ହୁଅନ୍ତି, ସେମାନଙ୍କୁ ଶ୍ରମିକ କୁହାଯାଏ । ସେମାନେ ଉଚ୍ଚ, ନୀଚ୍ ବା ଯେକୌଣସି ସ୍ତରରେ କାର୍ଯ୍ୟ କରିପାରନ୍ତି । ଯଦି ସେମାନଙ୍କମଧ୍ୟରୁ କିଛି ଲୋକ ରୋଗ, ଜଖମ ଭଳି ଶାରିରୀକ କଷ୍ଟ, ଖରାପ ପାଗ, ଉତ୍ସବ ଓ କୌଣସି ସାମାଜିକ ଧାର୍ମିକ କାରଣରୁ ଅସ୍ଥାୟୀ ଭାବେ କାମକୁ ଆସିପାରନ୍ତି ନାହିଁ, ତଥାପି ସେମାନଙ୍କୁ ଶ୍ରମିକ ହିଁ କୁହାଯାଏ । ଏହି କାମରେ ଲାଗିଥିବା ମୁଖ୍ୟ ଶ୍ରମିକମାନଙ୍କୁ ସହାୟତା କରୁଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଶ୍ରମିକ ଭାବେ ଗ୍ରହଣ କରାଯାଏ । ସାଧାରଣ ଭାବରେ ଆମେ ଚିନ୍ତା କରୁ ଯେ ନିଯୁକ୍ତିଦାତା ଯେଉଁମାନଙ୍କୁ କାମ ବଦଳରେ କିଛି ପାରିଶ୍ରମିକ ଦିଅନ୍ତି, ସେମାନଙ୍କୁ ଶ୍ରମିକ କୁହାଯାଏ । କିନ୍ତୁ ଏହା ଠିକ ନୁହେଁ । ଯେଉଁ ବ୍ୟକ୍ତି ସ୍ୱନିୟୋଜିତ–ସେମାନେ ମଧ୍ୟ ଶ୍ରମିକ ।

ଭାରତରେ ରୋଜଗାର ପନ୍ଥା ବହୁମୁଖୀ । କିଛି ଲୋକଙ୍କୁ ବର୍ଷସାରା ରୋଜଗାର ମିଳେ ତ କିଛି ଲୋକ ବର୍ଷରେ କିଛିମାସ ରୋଜଗାର ପାଆନ୍ତି । ଅଧିକାଂଶ ମଜୁରିଆଙ୍କୁ ନିଜ କାର୍ଯ୍ୟର ପ୍ରକୃତ ମୂଲ୍ୟ ମିଳେ ନାହିଁ । ଏଭଳି ଶ୍ରମିକଙ୍କ ସଂଖ୍ୟାର ଅନୁମାନ କରିବା ସମୟରେ ଯେତେ ବ୍ୟକ୍ତି ଆର୍ଥିକ କାର୍ଯ୍ୟରେ ଲାଗିଥାନ୍ତି, ସେମାନଙ୍କୁ ଶ୍ରମିକ ଶ୍ରେଣୀରେ ସାମିଲ କରାଯାଏ । 2011 – 12 ବର୍ଷରେ ଭାରତରେ ପାଖାପାଖି 473 ମିଲିୟନ ଶ୍ରମଶକ୍ତିର ଆକଳନ କରାଯାଇଥିଲା । କାରଣ ଦେଶର ଅଧିକାଂଶ ଲୋକ ଗ୍ରାମୀଣ କ୍ଷେତ୍ରରେ ବାସ କରନ୍ତି । ତେଣୁ ଗ୍ରାମୀଣ ଶ୍ରମବଳର ଅନୁପାତ ମଧ୍ୟ ସହରୀ ଶ୍ରମବଳ ଠାରୁ ଅଧିକ । ଏହି 473 ମିଲିୟନ ଶ୍ରମିକଙ୍କମଧ୍ୟରୁ ତିନି ଚତୁର୍ଥାଂଶ ଶ୍ରମିକ ଗ୍ରାମୀଣ ।

ଭାରତର ଶ୍ରମଶକ୍ତିରେ ପୁରୁଷଙ୍କର ସଂଖ୍ୟା ଅଧିକ । ଗ୍ରାମୀଣ କ୍ଷେତ୍ରରେ ମହିଳା ଶ୍ରମିକ ସମଗ୍ର ଶ୍ରମ ବଳର ଏକ ତୃତୀୟାଂଶ । ମାତ୍ର ସହରରେ କେବଳ 20 ପ୍ରତିଶତ ମହିଳା ହିଁ ଶ୍ରମଶକ୍ତିର ଭାଗିଦାର ହୋଇପାରନ୍ତି । ମହିଳାମାନେ ଖାଦ୍ୟ ପ୍ରସ୍ତୁତି, ପାଣି ଆଣିବା, ଜାଳେଣି ସଂଗ୍ରହ ସହିତ ଜମିରେ ମଧ୍ୟ କାମ କରିଥାନ୍ତି । ସେମାନଙ୍କୁ ନଗଦ ଅର୍ଥ ବା ଶସ୍ୟ ମଜୁରି ରୂପେ ମିଳେ ନାହିଁ । କେତେକ କ୍ଷେତ୍ରରେ ସେମାନଙ୍କୁ କିଛି ବି ମିଳେ ନାହିଁ । ସେହି କାରଣରୁ ସେହି ମହିଳାମାନଙ୍କୁ ଶ୍ରମିକ ବର୍ଗରେ ମଧ୍ୟ ସାମିଲ କରାଯାଏ ନାହିଁ । ଅର୍ଥଶାସ୍ତ୍ରୀମାନଙ୍କର ଆଗ୍ରହ ଯେ, ସେହି ମହିଳାମାନଙ୍କୁ ମଧ୍ୟ ଶ୍ରମିକ ଭାବେ ଗ୍ରହଣ କରାଯିବା ଦରକାର ।

(a) ଶ୍ରମିକ କିଏ ବୁଝାଇ ଦିଅ ? 12

(b) ମୋଟ ଜାତୀୟ ଉତ୍ପାଦନ କହିଲେ କ'ଣ ବୁଝାଯାଏ ? 12

(c) ଭାରତରେ ରୋଜଗାରର ପ୍ରକୃତି କିପରି ? 12

(d) କେଉଁ ମହିଳାମାନଙ୍କୁ ଶ୍ରମିକ ଭାବେ ଗଣନା କରାଯାଏ ନାହିଁ ? 12

(e) ଭାରତରେ ଶ୍ରମିକ ଜନସଂଖ୍ୟାର ଅନୁପାତ କ'ଣ ବୁଝାଅ ? 12

୬୩. ନିମ୍ନଲିଖିତ ଗଦ୍ୟାଂଶଟିର ସଂକ୍ଷିପ୍ତସାର ଏକ-ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ । ଏହି ଗଦ୍ୟାଂଶର ନାମଦେବା ଅନାବଶ୍ୟକ । ସାରାଂଶଟିକୁ ନିଜ ଭାଷାରେ ଲେଖ : 60

ଯେଉଁ ଶବ୍ଦ ସବୁଠାରୁ କମ୍ ବୁଝିହୁଏ ଓ ଯାହାର ଉପଯୋଗ ସବୁଠାରୁ ଅଧିକ, ସେହିଭଳି ଦୁଇଟି ଶବ୍ଦ ହେଉଛି 'ସଭ୍ୟତା' ଓ 'ସଂସ୍କୃତି' । କଳ୍ପନା କରନ୍ତୁ ସେହି ସମୟର, ଯେତେବେଳେ ମାନବ ସମାଜର ଅଗ୍ନି ଦେବତାଙ୍କ ସହିତ ସାକ୍ଷାତ ହୋଇନଥିଲା । ଆଜି ତ ଘରେ ଘରେ ଚୁଲି ଜଳୁଛି । ଯେଉଁ ମଣିଷ ପ୍ରଥମେ ଅଗ୍ନିର ଆବିଷ୍କାର କରିଥିବ, ସେ କେତେବଡ଼ ଆବିଷ୍କର୍ତ୍ତା ହୋଇଥିବ ! ଅଥବା କଳ୍ପନା କରନ୍ତୁ ସେହି ସମୟର, ଯେତେବେଳେ ମାନବର ଛୁଞ୍ଚି ସୂତା ସହିତ ପରିଚୟ ନ ଥିଲା । ଯେଉଁ ମଣିଷ ଲୁହାର ଏକ ଛୋଟ ଖଣ୍ଡକୁ ଛୁଞ୍ଚିର ଆକୃତି ଦେଇଥିବ, ସେ କେତେ ବଡ଼ ଆବିଷ୍କର୍ତ୍ତା ହୋଇଥିବ !

ଏହି ଦୁଇଟି ଉଦାହରଣ ଉପରେ ବିଚାର କରନ୍ତୁ । ପ୍ରଥମ ଉଦାହରଣରେ ଦୁଇଟି କଥା ଅଛି । ପ୍ରଥମ-ଏକ ବ୍ୟକ୍ତି ବିଶେଷର ଅଗ୍ନି ଆବିଷ୍କାର କରିବାର ଶକ୍ତି ଓ ଦ୍ୱିତୀୟ-ଅଗ୍ନିର ଆବିଷ୍କାର । ସେହିଭଳି ଛୁଞ୍ଚି ସୂତାର ଉଦାହରଣରେ ଗୋଟିଏ କଥା ଅଛି । ଛୁଞ୍ଚି ସୂତା ଆବିଷ୍କାର କରିବାର ଶକ୍ତି ଆଉ ଦ୍ୱିତୀୟ କଥାଟି ଛୁଞ୍ଚି ସୂତାର ଆବିଷ୍କାର । ଯେଉଁ ଯୋଗ୍ୟତା, ପ୍ରବୃତ୍ତି ଓ ପ୍ରେରଣା ଦ୍ୱାରା ଅଗ୍ନି, ଛୁଞ୍ଚିସୂତା ଆବିଷ୍କୃତ, ତାହା ହେଉଛି ବ୍ୟକ୍ତି ବିଶେଷର ସଂସ୍କୃତି ଏବଂ ସେହି ସଂସ୍କୃତି ଦ୍ୱାରା ଯେଉଁ ଦ୍ରବ୍ୟ ନିଜ ପାଇଁ ଓ ଅନ୍ୟ ପାଇଁ ଆବିଷ୍କୃତ – ତାହା ସଭ୍ୟତା ।

ଜଣେ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି କୌଣସି ନୂତନ ଦ୍ରବ୍ୟକୁ ଖୋଜେ । କିନ୍ତୁ ତା'ର ସନ୍ତାନ ସେହି ଦ୍ରବ୍ୟକୁ ନିଜ ପୂର୍ବପୁରୁଷଙ୍କ ଠାରୁ ଅନାୟାସରେ ପାଇଯାଏ । ଯେଉଁ ବ୍ୟକ୍ତିକୁ ବୁଦ୍ଧି ବା ବିବେକ କୌଣସି ନୂଆ ତଥ୍ୟର ଦର୍ଶନ କରାଏ, ସେହି ବ୍ୟକ୍ତି ହିଁ ବାସ୍ତବିକ ସଂସ୍କୃତି ସମ୍ପନ୍ନ । କିନ୍ତୁ ତା'ର ସନ୍ତାନ, ଯିଏ ନିଜ ପିତୃପୁରୁଷଙ୍କ ଠାରୁ ସେହି ବସ୍ତୁ ଅନାୟାସରେ ଅର୍ଜନ କରେ ସେ ନିଜ ପୂର୍ବପୁରୁଷଙ୍କ ଭଳି ସଭ୍ୟ ହୋଇପାରେ ମାତ୍ର ତାକୁ ସଂସ୍କୃତି ସମ୍ପନ୍ନ କହିହେବ ନାହିଁ । ଗୋଟିଏ ଆଧୁନିକ ଉଦାହରଣ ନେବା ।

ନିଉଟନ ମାଧ୍ୟାକର୍ଷଣ ସିଦ୍ଧାନ୍ତର ଆବିଷ୍କାର କଲେ । ସେ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଥିଲେ । ଆଜିର ଯୁଗର ଭୌତିକ ବିଜ୍ଞାନର ବିଦ୍ୟାର୍ଥୀ ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ସହିତ ପରିଚିତ । ମାତ୍ର ତା ସହିତ ସେମାନଙ୍କୁ ଆହୁରି ଅନେକ ଜ୍ଞାନ ମଧ୍ୟ ଜଣା, ଯାହାସହିତ ନିଉଟନ୍ ବୋଧହୁଏ ଅପରିଚିତ ଥିବେ । ଏଭଳି ହେବା ପରେ ମଧ୍ୟ ଆମେ ଆଜିର ଭୌତିକ ବିଜ୍ଞାନର ବିଦ୍ୟାର୍ଥୀଙ୍କୁ ନିଉଟନ୍‌ଙ୍କ ଭଳି ସଂସ୍କୃତି ସମ୍ପନ୍ନ ମାନବ କହିପାରିବା ନାହିଁ ।

ଅଗ୍ନି ଆବିଷ୍କାର ପଶ୍ଚାଦ୍‌ଭାଗରେ କେବେ ହୁଏତ କ୍ଷୁଧା ଏକ ପ୍ରେରଣା ହୋଇଥିବ । ଛୁଞ୍ଚି ସୂତା ଆବିଷ୍କାରରେ ବୋଧହୁଏ ଶୀତ ତାପରୁ ବଞ୍ଚିବା ଓ ଶରୀରକୁ ସଜାଇବା ପ୍ରବୃତ୍ତିର ବିଶେଷ ପ୍ରେରଣା ରହିଥିବ । ଏବେ କଳ୍ପନା କରନ୍ତୁ, ସେହି ମନୁଷ୍ୟର – ଯାହାର ପେଟ ଭର୍ତ୍ତି ଓ ଶରୀର ଆବୃତ୍ତି । କିନ୍ତୁ ଯେତେବେଳେ ସେ ଖୋଲା ଆକାଶ ତଳେ ଶୋଇ ରହି ଜାତିରେ ମିଞ୍ଜି ମିଞ୍ଜି କରୁଥିବା ତାରାମାନଙ୍କୁ ଦେଖେ, ସେତେବେଳେ ତାକୁ ସେଇଥିପାଇଁ ନିଦ ଆସେ ନାହିଁ, କାରଣ ସେ ଏକଥା ଜାଣିବା ପାଇଁ ବ୍ୟସ୍ତ ହୋଇପଡ଼େ ଯେ – ଏହି ମୋତି ଭରା ଆକାଶର ବିଶାଳ ଥାଳିଟି କ'ଣ ? ପେଟ ଭରିବା ଓ ଦେହ ଢାଙ୍କିବାର ଇଚ୍ଛା ମାନବ ସଂସ୍କୃତିର ଜନନୀ ନୁହେଁ । ଯେଉଁ ବ୍ୟକ୍ତି ବାସ୍ତବରେ ସଂସ୍କୃତି ସମ୍ପନ୍ନ ତା'ର ପେଟ ଭର୍ତ୍ତି ଓ ଶରୀର ଆବୃତ୍ତ ହେବା ପରେ ମଧ୍ୟେ ସେ ଅଳସୁଆ ହୋଇ ବସିପାରେ ନାହିଁ । ଆମ ସଭ୍ୟତାର ଏକ ବଡ଼ ଅଂଶ ଆମକୁ ଏହିଭଳି ସଂସ୍କୃତି ସମ୍ପନ୍ନ ବ୍ୟକ୍ତିଙ୍କଠାରୁ ମିଳିଛି, ଯେଉଁମାନଙ୍କ ଚେତନା ଉପରେ ସ୍ଥୂଳ ଭୌତିକ କାରଣର ପ୍ରଭାବ ମଧ୍ୟ ରହିଛି । ତହିଁରୁ କିଛି ଭାଗ ଆମ ମନୀଷୀଙ୍କ ଠାରୁ ପାଇଛୁ, ଯେଉଁମାନେ ଭୌତିକ ପ୍ରଭାବରେ ବଶୀଭୂତ ନ ହୋଇ ନିଜ ଅନ୍ତରର ସହଜ ସଂସ୍କୃତୀରୁ ଏହା ଲାଭ କରିଛନ୍ତି । ରାତିର ତାରାମାନଙ୍କୁ ଦେଖି ଶୋଇପାରି ନଥିବା ସେଦିନର ମନୀଷୀ ଆଜି ଆମର ଏହି ଜ୍ଞାନର ଆଦ୍ୟ ପ୍ରବର୍ତ୍ତକ ଥିଲେ ।

*(ଶବ୍ଦ 435)*

**Q4. ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର :** **20**

ସମୟ ମୂଲ୍ୟବାନ । ବାସ୍ତବରେ ପୃଥିବୀର ଏକମାତ୍ର ଦ୍ରବ୍ୟ ସମୟ ହିଁ ସସୀମ । ଯଦି ଆପଣ ଧନ ହରାନ୍ତି, ତେବେ ତାହା ପୁନର୍ବାର ଅର୍ଜନ କରିପାରନ୍ତି । ଯଦି ଗୃହ ହରାନ୍ତି ତାହା ପୁନର୍ବାର ପାଇ ପାରନ୍ତି । ମାତ୍ର ଆପଣ ଯଦି ସମୟ ହରାଇ ଦିଅନ୍ତି ତେବେ ଆପଣଙ୍କୁ ସେହି ସମୟ ପୁନର୍ବାର ମିଳି ପାରିବ ନାହିଁ ।

ଯଦି ଆମେ ଜୀବନରେ କିଛି କରିବାକୁ, କିଛି ହେବାକୁ କିମ୍ବା କିଛି ଦ୍ରବ୍ୟ ଲାଭ କରିବାକୁ ଚାହିଁବା — ତେବେ ଏହା ଅନିବାର୍ଯ୍ୟ ଯେ ଆମେ ସମୟର ସୁବିନିଯୋଗ ଶିକ୍ଷା କରିବା । ସମୟର ସଦ୍ ବିନିଯୋଗ ଦ୍ୱାରା ଆମେ ଯେଉଁ ଦ୍ରବ୍ୟ ଲାଭ କରିବାକୁ ଚାହୁଁ — ତାହା ଲାଭ କରିପାରିବା ।

କୁହାଯାଏ — "ସମୟ ହିଁ ସମ୍ବଳ" । ମାତ୍ର ଏହା ସଂପୂର୍ଣ୍ଣ ସତ୍ୟ ନୁହେଁ । ସତ ହେଉଛି ସମୟ ଏକମାତ୍ର ଅନର୍ନିହିତ ସଂପଦ । ଯଦି ଆପଣ ସମୟର ସଦ୍ ବିନିଯୋଗ କରନ୍ତି, ତେବେ ଆପଣ ଧନ ଅର୍ଜନ କରିପାରିବେ । ଅନ୍ୟପକ୍ଷରେ, ଯଦି ଆପଣ ନିଜ ସମୟର ଦୁରୁପଯୋଗ କରନ୍ତି, ତେବେ ଆପଣ ଧନ ଅର୍ଜନ କରିବାର ସମ୍ଭାବନା ହରାଇ ଦିଅନ୍ତି । ଆପଣ ଯେତେବେଳେ ସମୟର ସଦୁପଯୋଗ ପାଇଁ ସତର୍କ ହୋଇଯିବେ, ଆପଣ ସେତେବେଳେ ସମୟର ଭୁଲ ବ୍ୟବହାର ବନ୍ଦ କରିଦେବେ । ଆପଣ ସେତେବେଳେ ସମୟର ସୁବିନିଯୋଗର ମାର୍ଗ ଅନ୍ୱେଷଣ କରିବାକୁ ଲାଗିବେ । ଆପଣ କମ୍ ସମୟରେ ଅଧିକ କାର୍ଯ୍ୟ କରିବାର ଉପାୟ ଖୋଜିବା ଆରମ୍ଭ କରିଦେବେ । ବାସ୍ତବରେ ଯଦି ଆପଣ ସମୟର ସୁପରିଚାଳନା ଚାହାନ୍ତି, ତେବେ ଆପଣ କେବଳ ଚେତନ ମନର ନୁହେଁ, ଅବଚେତନ ମନର ମଧ୍ୟ ଉପଯୋଗ କରିବା ଦରକାର । ଏହା ହିଁ ଆପଣଙ୍କୁ ନୂଆ ଉପାୟ ଦେଖାଇବ, ଯାହାଫଳରେ ଆପଣ କମ୍ ସମୟରେ ଅଧିକ କାର୍ଯ୍ୟ କରିବାର ମାର୍ଗ ଖୋଜିବାରେ ସଫଳ ହେବେ ।

**Q5. ନିମ୍ନଲିଖିତ ପରିଚ୍ଛେଦକୁ ଓଡ଼ିଆରେ ଅନୁବାଦ କର :** *20*

We cannot deny the importance of games in life as games make a person sound in body and mind. Society expects of a person to fulfil all his duties, for which it is important for him to keep healthy. He may be very intelligent, but his intelligence is of no use if he is not healthy. In some ways, the human body is like a machine. If it is not made use of, it starts to work badly. People who are not fit grow weak; they become more prone to disease. Any form of game is useful, if it gives the body an opportunity to take regular physical exercise. Playing encourages the spirit of sportsmanship. It enables one to deal with life's problems in a wise and natural manner. The important thing in playing is not the winning or the losing, but the participation. We have to remember some other things about playing games. First, it is the physical exercise that is important for health, not the games themselves, and there are other ways of getting this. Is not India the home of yoga ? When we think of the phrase — a healthy mind in a healthy body — we should not forget that it is the mind which is mentioned first. And if we let games become the most important thing in our lives, then we undermine the importance of the mind.

**Q6. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :** *40*

(a) **ବ୍ୟାସବାକ୍ୟ ସହ ସମାସର ନାମ ଲେଖ ।** *2×4=8*

(i) ଜନ୍ମାନ୍ଧ *2*

(ii) ତୁଷାରଧବଳ *2*

(iii) ମାଛମାଂସ *2*

(iv) ପୂର୍ଣ୍ଣଚନ୍ଦ୍ର *2*

(b) ନିମ୍ନ ପ୍ରୟୋଗଗୁଡ଼ିକର ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର । 2×4=8

(i) ହାତେ ମାପି ଚାଖଣ୍ଡେ ଚାଲିବା 2

(ii) ଘର ଢିଙ୍କି କୁମ୍ଭୀର 2

(iii) ସ୍ୱର୍ଗକୁ ନିଶୁଣି ନାହିଁ 2

(iv) ଦୀପ ତଳ ଅନ୍ଧାର 2

(c) ସନ୍ଧି ବିଚ୍ଛେଦ କର । 2×4=8

(i) ହିମାଳୟ 2

(ii) ଅତୀବ 2

(iii) ଜିତେନ୍ଦ୍ରିୟ 2

(iv) ଯଥେଷ୍ଟ 2

(d) ଭ୍ରମ ସଂଶୋଧନ କର । 2×4=8

(i) ଅନୁସୂୟା 2

(ii) ଅହୋରାତ୍ରୀ 2

(iii) ସାହାର୍ଯ୍ୟ 2

(iv) ଉତ୍କର୍ଷିତା 2

(e) ନିମ୍ନ ବାକ୍ୟଗୁଡ଼ିକରେ ଥିବା ବିଶେଷଣ ପଦକୁ ଚିହ୍ନାଇ ଦିଅ । 2×4=8

(i) ସେ ଜାଣିବାର ଲୋକ । 2

(ii) ପିଲାଟି ଛିଣ୍ଡା ଜାମା ପିନ୍ଧି ବୁଲୁଛି । 2

(iii) ଆମ ରାଜ୍ୟର ଜନସଂଖ୍ୟା ଚାରି କୋଟି । 2

(iv) ଦୀପଟି ମିଞ୍ଜି ମିଞ୍ଜି ଜଳୁଛି । 2